DHARITRI.COM

Vol VIII Issue No.128 Wednesday, 09 May 2007



**New York Times Newspaper**
denver - Get Home Delivery for as little as $3.15 per week!
www.nytimes.com

**Live Life in New Zealand**
Many Americans already do and you can too. Explore the opportunities.
www.immigration.govt.nz

**Newspaper Circulation**
Resources for Newspaper Ads From Leaders in Newspaper Trade
www.NewspaperMedia.com

[redacted]

previous || next

# ମନ୍ତ୍ରୀ ସତ କହିଦେଇଥିଲେ

Click to enlarge text: A A A A

ନୂଆଦିଲ୍ଲୀ, ୮।୫ (ସ୍ୱ.ପ୍ର.)- ମାନବ ସମ୍ବଳ ରାଷ୍ଟ୍ରମନ୍ତ୍ରୀ ଡି. ପୁରନ୍ଦେଶ୍ୱରୀ ଓଡିଶାରେ ଆଇଆଇଟି ସ୍ଥାପନ ପ୍ରସଙ୍ଗରେ ଉତ୍ତର ଦେବା ସମୟରେ କିଛି ସମୟ ପାଇଁ ଅସୁବିଧାରେ ପଡିଯାଇଥିଲେ । ତାଙ୍କ ମୁହଁରୁ ବାହାରି ପଡିଥିଲା ଯେ, ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ବୈଜ୍ଞାନିକ ପରାମର୍ଶଦାତା ପରିଷଦଙ୍କ ସୁପାରିସ ଅନୁସାରେ ଓଡିଶାରେ ଏକ ଆଇଆଇଟି ସ୍ଥାପନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । କିନ୍ତୁ ପରେ ସେ ନିଜକୁ ସଂଶୋଧିତ କରି ନେଇ ଓଡିଶା ପରିବର୍ତ୍ତେ ବିହାରର ନାଁ ନେଇଥିଲେ । ପୁରନ୍ଦେଶ୍ୱରୀ କହିଲେ ଯେ ସେ ଭୁଲବଶତଃ ଓଡିଶାର ନାଁ ଉଲ୍ଲେଖ କରିଦେଇ ଥିଲେ । କିନ୍ତୁ ବିଜେଡି-ଭାଜପା ଏମ୍‌ପିମାନେ କହିଥିଲେ ଯେ, ମନ୍ତ୍ରୀଙ୍କ ମୁହଁରୁ ସତ କଥା ବାହାରି ଯାଇଛି । ପ୍ରକୃତରେ ଏହି ଆଇଆଇଟି ଓଡିଶାରେ ସ୍ଥାପିତ ହେବାକୁ ଥିଲା । ରାଜନୈତିକ କାରଣରୁ ଏହାକୁ ଆନ୍ଧ୍ରକୁ ସ୍ଥାନାନ୍ତରିତ କରିଦିଆଯାଇଛି । ସେତେବେଳକୁ ବାଚସ୍ପତି ସୋମନାଥ ଚାଟାର୍ଜୀ ଗୃହରେ ଅଧ୍ୟକ୍ଷତା କରିବାକୁ ଆସିଯାଇ ଥିଲେ । ପୁରନ୍ଦେଶ୍ୱରୀଙ୍କୁ ସମର୍ଥନ କରି ଚାଟାର୍ଜୀ କହିଥିଲେ ଯେ ମନ୍ତ୍ରୀଙ୍କ ମୁହଁରୁ ଭୁଲ୍‌ବଶତଃ ଏହା ବାହାରି ଯାଇଛି । ଏହାଛଡା ପୁରନ୍ଦେଶ୍ୱରୀ ଉଲ୍ଲେଖ କରିଥିଲେ ଯେ, ମାନବ ସମ୍ବଳ ରାଷ୍ଟ୍ରମନ୍ତ୍ରୀ ଏମ୍.ଏ. ଫାତିମ୍ କେବେହେଲେ ଓଡିଶାରେ ଏକ ଆଇଆଇଟି ସ୍ଥାପିତ ହେବ ବୋଲି କହି ନ ଥିଲେ । କିନ୍ତୁ ବିଜେଡି ଭାଜପା ଏମ୍‌ପିମାନେ ସେତେବେଳେ ଗୃହରେ ଉପସ୍ଥିତ ଫାତ୍‌ମିଙ୍କଠାରୁ ଏହାର ସ୍ପଷ୍ଟୀକରଣ ଚାହିଁଥିଲେ । କିନ୍ତୁ ଫାତ୍‌ମି ଚୁପ୍ ରହିଥିଲେ ।

previous || next

**New York Times Newspaper**
denver - Get Home Delivery for as little as $3.15 per week!
www.nytimes.com

**More Rupees per Dollar**
Get the most out of your dollars Remit funds to India online!
www.remit2india.com

**Own a house in India**
Home loans upto 5 crores for NRI's. Only with Citibank. Apply now!
www.CitiNri.com

**Orlando News**
Find Orlando Local News, Weather And Sports Information.
www.OrlandoSentinel.com

[redacted]

©2004 Dharitri All Rights Reserved.
Send all feedback / comments to **webmail@dharitri.com**.
Advertisement inquiries contact **advt@dharitri.com**.